# ସତ୍ୟବାଣୀ

## THE VOICE OF TRUTH

NOV & DEC, 2000

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth


CHURCH OF CHRIST
P.O. Box NO. 80, KAKINADA,
A.P. - 533 001
PH : 0884 - 363722



**Vol. 5 November & December, 2000 No. 6**


Published every two months in Oriya Language for the Restoration of pure New Testament Christianity

**FREE !** **FREE!!** **FREE !!!**

**Study the Bible in the quite of your own home. Enrol yourself in the BASIC BIBLE COURSE in Ori language. Complete the course and obtain a copy Oriya Holy Bible absolutely free! Send your address today to :**

**THE DIRECTOR**
**BIBLE CORRESPONDENCE COURSE**
**P.O. Box. No. 80, KAKINADA - 533 001**

# ସତ୍ୟବାଣୀ

# VOICE OF TRUTH

Vol - V KAKINADA NOV. - DEC.

## ପରମେଶ୍ୱରଙ୍କ ଆଜ୍ଞାରେ ଯୋଗ ଓ ବିୟୋଗ

**"Whatever I command you be careful to observe it, You shall not add to it nor take away from it"**

ବାଇବଲ ଛଅଷଠି ପୁସ୍ତକର ସମଷ୍ଟି । ଏହା ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ପ୍ରଥମ ଭାଗ ପୁରାତନ ନିୟମ ଓ ଦ୍ୱିତୀୟ ଭାଗ ନୂତନ ନିୟମ ନାମରେ ପରିଚିତ । ଉଭୟ ନିୟମ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ପରମେଶ୍ୱରଙ୍କ ସେବକମାନଙ୍କ ଦ୍ୱାରା ଲିଖିତ ହୋଇଅଛି । ତେଣୁ କରି ଆମ୍ଭେ ବାଇବଲକୁ ଈଶ୍ୱରଙ୍କ ବାକ୍ୟ ରୂପେ ଗ୍ରହଣ କରୁ । ପୁରାତନ ନିୟମରେ ଲିଖିତ ଆଜ୍ଞାବଳୀଗୁଡ଼ିକ ଇସ୍ରାଏଲ ଜାତିମାନଙ୍କ ନିମନ୍ତେ ମୋଶାଙ୍କ ଦ୍ୱାରା କଥିତ ଓ ଲିଖିତ ହୋଇଥିଲା । ଯୀଶୁଖ୍ରୀଷ୍ଟ ଓ ତାହାଙ୍କ ଶିଷ୍ୟମାନେ ନୂତନ ନିୟମର ପୁସ୍ତକଗୁଡ଼ିକ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହନ୍ତି । ଏବ୍ରୀ ୧ : ୧-୨ ପଦରେ ଲେଖାଯାଏ, 'ଈଶ୍ୱର ପୂର୍ବକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି ଏହି ଶେଷ କାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି । ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣା ମୃତ୍ୟୁ, ସମାଧି ଓ ପୁନଃରୁତ୍ଥାନ ପୂର୍ବରୁ ଆପଣା ପୂର୍ବରୁ ଆପଣା ଶିଷ୍ୟମାନଙ୍କୁ କହିଲେ, 'ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଥାଉ ଥାଉ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଲି, କିନ୍ତୁ ସେହି ସାହାଯ୍ୟକାରୀ ଅର୍ଥାତ୍ ଯେଉଁ ପବିତ୍ର ଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା

ଯାହା କହିଅଛି ସେହିସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।" "ମୋହର ତୁମ୍ଭମାନଙ୍କୁ ଆହୁରି ଅନେକ କଥା କହିବାର ଅଛି, ମାତ୍ର ତୁମ୍ଭମାନେ ଏବେ ଏହି ସବୁ ସହି ପାରନାହିଁ । କିନ୍ତୁ ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟର ପ୍ରବେଶ କରାଇବେ, କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ ନାହିଁ । ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ । ( ଯୋହନ ୧୪ : ୨୫-୨୬ ୧୬ : ୧୨-୧୩ )

ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ପରେ ତାହାଙ୍କ ଶିଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ଵାରା ପରିପୂର୍ଣ୍ଣ ହୋଇ ନୂତନ ନିୟମ ଲେଖିଥିଲେ । ଖ୍ରୀଷ୍ଟଙ୍କ ଜୀବନ ଇତିହାସ ତାହାଙ୍କ ଶିକ୍ଷା ତାହାଙ୍କ କାର୍ଯ୍ୟସକଳ ନୂତନ ନିୟମର ପ୍ରଥମ ଚାରି ପୁସ୍ତକ ମାଥିଉ, ମାର୍କ, ଲୂକ, ଯୋହନରେ ଲିଖିତ ହୋଇଅଛି । ଏତେଣୁ କରି ଏହି ଚାରିପୁସ୍ତକ ସୁସମାଚାର ପୁସ୍ତକ ରୂପେ ପରିଚିତ ତା ପରବର୍ତ୍ତୀ ପୁସ୍ତକ ପ୍ରେରିତ-ମାନଙ୍କ କାର୍ଯ୍ୟର ବିବରଣ, ଯେଉଁଥିରେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସ୍ଥାପିତ ହେବାର ଆରମ୍ଭ ବେଳାର ଇତିହାସ । ତା ପରବର୍ତ୍ତୀ ଏକଇଶି ପୁସ୍ତକ, ପ୍ରେରିତ ପାଉଲଙ୍କ ବିଭିନ୍ନ ମଣ୍ଡଳୀ ଓ ବ୍ୟକ୍ତିମାନଙ୍କ ଲେଖିଥିବା ପତ୍ରାବଳୀ । ଏବ୍ରୀ ପୁସ୍ତକ, ଯାକୁବ ପୁସ୍ତକ ଓ ପିତରଙ୍କ ଦୁଇଟି ପୁସ୍ତକ, ଯୋହନଙ୍କ ୩ଟି ପତ୍ର ନୂତନ ନିୟମର ଅନ୍ତର୍ଭୁକ୍ତ ଅଟେ । ବିଶ୍ଵାସରେ ଅଟଳ ରହିବା ନିମନ୍ତେ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ଯୋହନଙ୍କ ଦ୍ଵାରା ଯୀଶୁଖ୍ରୀଷ୍ଟଙ୍କ ପ୍ରକାଶିତ ବାକ୍ୟ ଲେଖାଯାଇ ଅଛି । ମୁଁ ଯାହା ତୁମ୍ଭମାନଙ୍କୁ ଆଜ୍ଞା ଦେଇଅଛି, ତାହାସବୁ ତୁମ୍ଭେମାନେ ପାଳନ କରିବାକୁ ମନୋଯୋଗ କରିବ, ତୁମ୍ଭେ ତହିଁରେ ଯୋଗ କରିବ ନାହିଁ କି ତହିଁରେ ଊଣା କରିବନାହିଁ ( ଦ୍ଵିତୀୟ ବିବରଣ ୧୨ : ୩୨ ) ପୁରାତନ ନିୟମରେ ମୋଶାଙ୍କ ଦ୍ଵାରା ଇଶ୍ରାଏଲ ଜାତି ଆଜ୍ଞାପିତ ହେଲା ପରି ଆମ୍ଭମାନେ ମଧ୍ୟ ଏହିପରି ଭାବେ ଆଜ୍ଞାପିତ ହେଉ, "ଯେଉଁମାନେ ଏହି ପୁସ୍ତକର ଭାବବାଣୀ ସବୁ ଶ୍ରବଣ କରନ୍ତି, ସେମାନଙ୍କର ପ୍ରତ୍ୟେକ ଜଣକୁ ମୁଁ ସାକ୍ଷ୍ୟ ଦେଇ କହୁଅଛି କେହି ଯଦି ଏହିସବୁ ସଙ୍ଗରେ କିଛି ଯୋଗ କରେ, ତେବେ ଏହି ପୁସ୍ତକରେ ଲିଖିତ କ୍ଳେଶଗୁଡ଼ିକ ଈଶ୍ଵର ତାହା

ଦଣ୍ଡ ଘଟାଇବେ। ପୁଣି କେହି ଯଦି ଏହି ଭାବବାଣୀ ପୁସ୍ତକର କୌଣସି ବାକ୍ୟ ଲୋପ କରେ ତେବେ ଈଶ୍ୱର ଏହି ପୁସ୍ତକରେ ଲିଖିତ ଜୀବନବୃକ୍ଷ ଓ ପବିତ୍ର ନଗରୀରେ ତାହାର ଅଂଶ ଲୋପ କରିବେ।" ( ପ୍ରକାଶିତ ୨୨ : ୧୮, ୧୯ )

ସମସ୍ତ ସମୟରେ ସମସ୍ତ ମାନବ ଜାତିର ପାଳନୀୟ ଆଜ୍ଞା ସକଳ ପାଳନ କରିବା ମନୁଷ୍ୟର କର୍ତ୍ତବ୍ୟ। କିନ୍ତୁ ସୃଷ୍ଟି ଆରମ୍ଭରୁ ମନୁଷ୍ୟ ପରମେଶ୍ୱରଙ୍କ ଦତ୍ତ ଆଜ୍ଞା ଅଦଳ ବଦଳ କରିବାରେ ଅଭ୍ୟସ୍ତ। ଆଦମ ଓ ହବା, ନାଦବ ଓ ଅବୀହୂ, ଏବଂ ଶାଉଲ ରାଜା ଏହାର ଉଦାହରଣ। ଖ୍ରୀଷ୍ଟ କହନ୍ତି, 'ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ। ତାହାର ବିଚାରକର୍ତ୍ତା ଅଛି, ମୁଁ ଯେଉଁ ବାକ୍ୟ କହିଅଛି ତାହା ଶେଷଦିନରେ ତାହାର ବିଚାର। ( ଯୋହନ ୧୨ : ୪୮ )। ପିତା ପରମେଶ୍ୱର ଯିହୋଶୂୟଙ୍କୁ କହିଥିଲେ .... ତହିଁର ଦକ୍ଷିଣକୁ କି ବାମକୁ ଫେର ନାହିଁ ତହିଁରେ ତୁମ୍ଭେ ଯେକୌଣସି ସ୍ଥାନକୁ ଯିବ ସେଠାରେ କୁଶଳ ପ୍ରାପ୍ତ ହେବ। ( ଯିହୋଶୂୟ ୧ : ୭ )। ଏହି ବାକ୍ୟ ପ୍ରତ୍ୟେକ ଯୁଗର ପ୍ରତ୍ୟେକ ମନୁଷ୍ୟଙ୍କୁ କହୁଅଛି। ପରମେଶ୍ୱରଙ୍କ ପ୍ରକଟିତ ଆଜ୍ଞାପାଳନରେ ଆମ୍ଭେମାନେ ଇହଜଗତରେ ତଥା ପରଜଗତରେ ଆଶିଷ ପ୍ରାପ୍ତ ହେବା।

—J. C. Choate

—o—

## ଏକମାତ୍ର ଈଶ୍ୱର
( One God......... )

"ଅନନ୍ତର ସଦାପ୍ରଭୁ ଏହି ସବୁ କଥା କହିଲେ, ଯେ ତୁମ୍ଭକୁ ଦାସତ୍ୱଗୃହ ସ୍ୱରୂପ ମିସର ଦେଶରୁ ବାହାର କରି ଆଣିଅଛନ୍ତି ତୁମ୍ଭର ସେହି ସଦାପ୍ରଭୁ ପରମେଶ୍ୱର ଆମ୍ଭେ। ଆଉ ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ।" ( ଯାତ୍ରା ୨୦ : ୧-୩ )

ଇଶ୍ରାଏଲ ସନ୍ତାନମାନେ ଅନେକ ଥର ଆପଣା ନିମନ୍ତେ ଈଶ୍ୱର ସୃଷ୍ଟି କରିଥିଲେ । ସିନୟ ପ୍ରାନ୍ତରରେ ଏଇ ଇଶ୍ରାଏଲଯାତ୍ରା କରିବା ସମୟରେ ଯେତେବେଳେ ମୋଶା ସଦାପ୍ରଭୁ ପରମେଶ୍ୱରଙ୍କ ଠାରୁ ବ୍ୟବସ୍ଥାର ପ୍ରସ୍ତରଫଳକ ଗ୍ରହଣ କରିବା ନିମନ୍ତେ ସିନୟ ପର୍ବତ ଆରୋହଣ କରିଥିଲେ, ଇଶ୍ରାଏଲ ସେମାନଙ୍କ ନିମନ୍ତେ ଏକ ସୁବର୍ଣ୍ଣ ବାଛୁରି ନିର୍ମାଣ କରିବା ନିମନ୍ତେ ହାରୋଣଙ୍କୁ ବଳାଇଥିଲେ । ଇଶ୍ରାଏଲ ନିମନ୍ତେ କ୍ରନ୍ଦନକାରୀ ଭବବାଦୀ ଯିରିମିୟଙ୍କ ସମୟରେ ସଦାପ୍ରଭୁ କହିଥିଲେ ହେ ଯିହୁଦା, ତୁମ୍ଭ ନଗର ସମୂହର ସଂଖ୍ୟା ପ୍ରମାଣେ ତୁମ୍ଭର ଦେବତାମାନେ ଅଛନ୍ତି । ( ଯିରିମିୟ ୨ : ୩୮ )

ଭବବାଦୀ ଏଲୀୟ ସମୟରେ ତଥା ଅନେକ ସମୟରେ ଇଶ୍ରାଏଲମାନେ ପରମେଶ୍ୱରଙ୍କୁ ତ୍ୟାଗ କରି ବାଲ ଦେବତା ସମ୍ମୁଖରେ ଆପଣାଙ୍କୁ ନତ କରିବାର ବିଷୟ ଅଜଣା ନୁହେଁ ।

ଆଜି ମଧ୍ୟ ଆମ ଦେଶ ଅନେକ ଈଶ୍ୱର ଆପଣା ନିମନ୍ତେ ସୃଷ୍ଟି କରିଅଛି । ଭୋଗବିଳାସ, ଧନସମ୍ପଦ, ଖେଳ ଖୁଦ୍, ମାଦକ ଦ୍ରବ୍ୟର ଈଶ୍ୱରମାନେ ଏବେ ଆମ୍ଭମାନଙ୍କ ସ୍ପଷ୍ଟ ଦେବତା । **Telivision** ଓ **Computor** ମଧ୍ୟ ସେମାନଙ୍କ ଅନ୍ତର୍ଭୁକ୍ତ ଆଧୁନିକ ଆବିଷ୍କାର ଗୁଡ଼ିକର ମନୁଷ୍ୟ ଏବେ ଦାସ ହୋଇଯାଇଅଛି ଯେ, ସତ୍ୟ ଈଶ୍ୱର ଓ ତାହାଙ୍କ ଲିଖିତ ବାକ୍ୟ ନିମନ୍ତେ ମନୁଷ୍ୟଙ୍କୁ ସମୟ ନାହିଁ । 'ସମସ୍ତ ଉତ୍ତମ ଓ ସିଦ୍ଧ' ଦାନ ଗୁଡ଼ିକର ଦାତାଙ୍କୁ କେହି ପ୍ରଧାନ୍ୟତା ଦେଉ ନାହାନ୍ତି । ଯେଉଁ ଦୟାଳୁ ପିତାଙ୍କ ଠାରେ ଆମ୍ଭମାନଙ୍କ ଅସ୍ତି, ଗତି ଓ ସ୍ଥିତି ଅଛି, ଯାହାଙ୍କ ଠାରେ ଅନ୍ଧକାରର ଲେଶ ମାତ୍ର ନାହିଁ, ସିଏ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଜଗତର ପରିତ୍ରାଣ ନିମନ୍ତେ ଜଗତକୁ ପ୍ରେରଣ କରିଥିଲେ । କେବଳ ସେ ହିଁ ଆତ୍ମା ଓ ସତ୍ୟରେ ପୂଜ୍ୟ ଅଟନ୍ତି । ତାହାଂଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଠାରେ ବିଶ୍ୱାସ କରି ଆଜ୍ଞାବହ ହେବା ଲୋକମାନଂଙ୍କ ନିମନ୍ତେ, ମୃତ୍ୟୁ, ଦୁଃଖ, କଷ୍ଟ କିଅବା ଲୁହର ସ୍ଥାନ ନଥିବା ଅନନ୍ତ ସ୍ୱର୍ଗରେ ସ୍ଥାନ ପ୍ରସ୍ତୁତ କରାଯାଇଅଛି ।

ମନୁଷ୍ୟ ଆବଷ୍କୃତ ପ୍ରତ୍ୟେକ ଈଶ୍ୱର ଜ୍ଞାନ ବନ୍ଧନ ଲୋପ ପାଇବେ । "ସଂସାର କଅବା ସେଥିରେ ଥିବା ବିଷୟସବୁକୁ ପ୍ରେମ ନକର । ଯେ ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ । କାରଣ ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କ ଠାରୁ ନୁହେଁ ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ । ପୁଣି, ସଂସାର ଓ ସେଥିର ଅଭିଳାଷ ଅନିତ୍ୟ ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା ପାଳନ କରେ ସେ ନିତ୍ୟ ସ୍ଥାୟୀ । ( ୧ମ ଯୋହନ ୨ : ୧୫-୧୭ )

**ଧନ**— "ଧନଲୋଭ ସମସ୍ତ ଅନିଷ୍ଟର ମୂଳ, କେହି କେହି ସେଥିରେ ଆସକ୍ତ ହୋଇ ବିଶ୍ୱାସ ତ୍ୟାଗ କରି, ପଥଭ୍ରଷ୍ଟ ହୋଇ ଅଛନ୍ତି, ପୁଣି ବହୁ ଦୁଃଖରେ ଆପଣା ଆପଣା ହୃଦୟ ବିଦୀର୍ଣ୍ଣ କରି-ଅଛନ୍ତି । ( ୧ମ ତୀମଥି ୬ : ୧୦ ) । ଏବେ ମଧ୍ୟ ଧନଲୋଭିମାନଙ୍କ ଦଶା ଶୋଚନୀୟ । ଖ୍ରୀ. ଶିଷ୍ୟମାନେ ଏହି ଜଗତର ପ୍ରତ୍ୟେକ ବିଷୟ ଅସାର ବୋଲି ପରିଗଣିତ କରନ୍ତୁ ।

**ବିଳାସ**— ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଲେଖନ୍ତି "ଶେଷକାଳରେ ଭୀଷଣ ସମୟ ଉପସ୍ଥିତ ହେବ । କାରଣ ଲୋକ-ମାନେ ଆତ୍ମପ୍ରିୟ, ଧନ ଲୋଭୀ, ଆତ୍ମଗର୍ବୀ, ଅହଂକାରୀ ନିନ୍ଦୁକ ପିତାମାତାଙ୍କ ଅବାଧ୍ୟ, ଅକୃତଜ୍ଞ, ଅପବିତ୍ର । ସ୍ନେହଶୂନ୍ୟ, ଅମିଳନ ପ୍ରିୟ, ଅପବାଦକ, ଅଜିତେନ୍ଦ୍ରିୟ, ପ୍ରଚଣ୍ଡ, ଉତ୍ତମ ବିଷୟର ଘୃଣାକାରୀ ବିଶ୍ୱାସଘାତକ, ଦୁଃସାହସୀ, ଦାମ୍ଭିକ ହେବେ ଓ ଈଶ୍ୱରପ୍ରିୟ ନ ହୋଇ ବରଂ ବିଳାସପ୍ରିୟ ହେବେ ।" ( ୨ୟ ତୀମଥି ୩ : ୧-୪ ଆପଣଙ୍କ ମତରେ ଉପରଲିଖିତ ବାକ୍ୟର କେଉଁପାପ ଆମ ସମାଜରେ ନାହିଁ ? "କିନ୍ତୁ ଯେ, ଭୋଗବିଳାସରେ ଆସକ୍ତ, ସେ ଜୀବିତ ଥିଲେହେଁ ମୃତ ।" ( ୧ମ ତୀଥି ୫ : ୬ )

ଆମୋଦପୂର୍ଣ୍ଣ ଏହି ଜଗତରେ ଆମ୍ଭେମାନେ ବାସ କରୁଅଛୁ । ଆମୋଦପ୍ରମୋଦ ନିମନ୍ତେ ଅପାର ଟଙ୍କା ଖର୍ଚ୍ଚ କରିବାରେ ମନୁଷ୍ୟ ସମାଜ କୁଣ୍ଠିତ ନୁହେ । ଏହିପରି ଆମୋଦପ୍ରମୋଦ ଦାୟକ ସ୍ଥାନ ମାନଙ୍କରେ ପ୍ରକୃତ ଖ୍ରୀଷ୍ଟିୟାନ ଆସକ୍ତ ହୁଏ ନାହିଁ ।

**ଖେଳକୁଦ** — "କାରଣ ଶାରୀରିକ ବ୍ୟାୟାମ ଅଳ୍ପ ବିଷୟରେ ଲାଭଜନକ, କିନ୍ତୁ ଈଶ୍ୱର ପରାୟଣତା ଇହକାଳ ଓ ପରକାଳରେ ପ୍ରତିଜ୍ଞାଯୁକ୍ତ ହୋଇ ସମସ୍ତ ବିଷୟରେ ଲାଭଜନକ ଅଟେ ।" (୧ମ ତୀମଥି ୪ : ୮) । ଖେଳକୁଦ, ବ୍ୟାୟାମ ପ୍ରଭୃତି ନିମନ୍ତେ ଆଜି ମନୁଷ୍ୟ ସମାଜ ଅନେକ ଟଙ୍କା ଖର୍ଚ୍ଚ କରନ୍ତି । କିନ୍ତୁ ପ୍ରକୃତ ଖ୍ରୀଷ୍ଟିୟାନ ନିମନ୍ତେ ପ୍ରଥମ ଓ ଶ୍ରେଷ୍ଠ ଆଜ୍ଞା କଅଣ ? "ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ, ଆପଣା ଈଶ୍ୱରଙ୍କୁ ପ୍ରେମ କର । ଏହା ହିଁ ଶ୍ରେଷ୍ଠ ଓ ପ୍ରଥମ ଆଜ୍ଞା । ଦ୍ୱିତୀୟଟି ଏହାର ସଦୃଶ, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର" (ମାଥିଉ ୨୨ : ୩୭-୩୯) । ଆମ୍ଭେମାନେ Television ବନ୍ଦ କରି, ପ୍ରଭୁଙ୍କ କାର୍ଯ୍ୟରେ ଆସକ୍ତ ହେବା ନିତାନ୍ତ ଆବଶ୍ୟକ ।

ଆଧୁନିକ ଯୁଗର ସବୁପ୍ରକାର ଉପଭୋଗ ଠାରୁ ଆପଣାକୁ ପୃଥକ୍ ରଖି "ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା" ଅନୁସରଣ କର । (ମାଥିଉ ୬ : ୩୩) ପାର୍ଥିବ ବିଷୟରେ ଆସକ୍ତ ନ ହୋଇ, ଊର୍ଦ୍ଧ୍ୱସ୍ଥ ବିଷୟରେ ଆସକ୍ତ ହେବା ନିମନ୍ତେ କଲସୀୟ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ ସତର୍କ କରାନ୍ତି । (କଲସୀ ୩ . ୨) ସଂସାର କିମ୍ବା ସେଥିରେ ଥିବା ବିଷୟସବୁକୁ ପ୍ରେମ ନକରି ଈଶ୍ୱରଙ୍କୁ ଅଧିକ ପ୍ରେମ କରିବା ଶ୍ରେୟସ୍କର ।

ବାକ୍ୟ ଶ୍ରବଣ, ବିଶ୍ୱାସ କରି ଆଜ୍ଞାବହ ହେବା ପ୍ରତ୍ୟେକ ଖ୍ରୀଷ୍ଟଙ୍କ ଶରୀର ରୂପ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । (୧ମ କରିନ୍ଥୀ ୧୨ . ୧୨-୧୩) । "କାରଣ ସମସ୍ତ ମାନବର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଅନୁଗ୍ରହ ପ୍ରକାଶିତ ହୋଇଅଛି । ପୁଣି ଆମ୍ଭେମାନେ ଯେପରି ଅଧର୍ମ ଓ ସାଂସାରିକ ଅଭିଳାଷ ପରିତ୍ୟାଗ କରି ଏହି ବର୍ତ୍ତମାନ ଯୁଗରେ ସୁବୁଦ୍ଧି ଧାର୍ମିକ ଓ ଭକ୍ତିଭାବରେ ଜୀବନଯାପନ କରୁ । ଆଉ ସେହି ଆନନ୍ଦଦାୟକ ଭରସା ପୁଣି ଆମ୍ଭମାନଙ୍କ ମହାନ୍ ଈଶ୍ୱର ଓ ତ୍ରାଣକର୍ତ୍ତା ଖ୍ରୀଷ୍ଟଯୀଶୁଙ୍କ ଗୌରବର ପ୍ରକାଶ ଅପେକ୍ଷାରେ ରହୁ, ଏଥି ନିମନ୍ତେ ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛି । ସେହି ଖ୍ରୀଷ୍ଟଯୀଶୁ ଆମ୍ଭମାନଙ୍କୁ ସମସ୍ତ ଅଧର୍ମରୁ ମୁକ୍ତ କରିବାକୁ ଓ ଆପଣା ନିମନ୍ତେ ସତ୍କର୍ମରେ ଉଦ୍ଯୋଗୀ ନିଜସ୍ୱ ଲୋକ ସ୍ୱରୂପେ ଶୁଦ୍ଧ କରିବାକୁ ଆମ୍ଭମାନଙ୍କ ନିମନ୍ତେ ଆପଣାକୁ ଦେଲେ ।" (ତୀମଥି ୩ . ୧୧-୧୪)

ପ୍ରିୟ ପାଉଲ କରନ୍ଥୀ ମଣ୍ଡଳୀକୁ ଲେଖନ୍ତି । "କାରଣ ସ୍ୱର୍ଗରେ ହେଉ ବା ପୃଥିବୀରେ ହେଉ, ଯେଉଁମାନଙ୍କୁ ଦେବତା ବୋଲି କହନ୍ତି, ଯଦ୍ୟପି ସେମାନେ ଥାଇ ପାରନ୍ତି (ଏପରି ତ ଅନେକ ଦେବତା ଓ ଅନେକ ପ୍ରଭୁ ଅଛନ୍ତି ?) ତଥାପି ଆମ୍ଭମାନଙ୍କର ଏକମାତ୍ର ଈଶ୍ୱର ଅର୍ଥାତ୍ ଯେଉଁ ପିତାଙ୍କଠାରୁ ସମସ୍ତ ବିଷୟ ହୋଇଅଛି । ଆଉ ଆମ୍ଭେମାନେ ତାହାଙ୍କ ନିମନ୍ତେ ହୋଇଅଛୁ, ପୁଣି ଏକମାତ୍ର ପ୍ରଭୁ, ଅର୍ଥାତ୍ ଯୀଶୁଖ୍ରୀଷ୍ଟ, ତାହାଙ୍କ ଦ୍ୱାରା ସମସ୍ତ ବିଷୟ ହୋଇଅଛି, ପୁଣି ତାହାଙ୍କ ଦ୍ୱାରା ଆମ୍ଭେମାନେ ହୋଇଅଛୁ ।" (୧ମ କରନ୍ଥୀ ୮ : ୫ ୬ )

—Fred Dillion

## ଆପଣଙ୍କ ସନ୍ତାନମାନେ ସ୍ୱର୍ଗକୁ ଯିବେ କି ?
## ( Will your Children go to Heaven ?)

"ସନ୍ତାନଗଣ, ସଦାପ୍ରଭୁଙ୍କର ଦତ୍ତ ଅଧିକାର" (ଗୀତ ୧୨୭:୩) ହୋଇଥିବାରୁ ଉପରୋକ୍ତ ପ୍ରଶ୍ନ ପ୍ରତ୍ୟେକ ପିତାମାତାଙ୍କ ମନରେ ଉତ୍ପାଦନ କରେ । ଆଦି ୨ ୬, ଦଶ ଖଣ୍ଡ ୧୬-୧୬, ଏଜ୍ରୀ ୧୨ ୯ ପଦାନୁଯାୟୀ ସନ୍ତାନମାନେ ପରମେଶ୍ୱର ଦତ୍ତ ପୁରସ୍କାର ବୋଲି ସୁସ୍ପଷ୍ଟ ହୁଏ । କାରଣ ସେମାନେ ମଧ୍ୟ ମନୁଷ୍ୟ ଏବଂ ପ୍ରତ୍ୟେକ ମନୁଷ୍ୟ ଆପଣା କର୍ମାନୁଯାୟୀ ପ୍ରତିଫଳ ପ୍ରାପ୍ତ ହେବ ।

ଆପଣା ସନ୍ତାନମାନେ ନିଜ କ୍ଷେତ୍ରରେ ସଫଳ ଲାଭ କରିବେ କି ନାହିଁ, ଏହି ବିଷୟରେ ଅନେକ ପିତାମାତା ଚିନ୍ତିତ ଥାଆନ୍ତି । ଆଜିର ଅନେକ ପିତାମାତେ ଆପଣା ସନ୍ତାନମାନଙ୍କ ଉନ୍ନତତର ଶିକ୍ଷା ନିମନ୍ତେ ଚିନ୍ତିତ ଦେଖାଯାନ୍ତି । ପିତାମାତାମାନେ ଆପଣା ସନ୍ତାନମାନଙ୍କ ଭବିଷ୍ୟତର ଚେଷ୍ଟା କରିବା ପାପ ନୁହେଁ କିନ୍ତୁ କେବଳ ଜାଗତିକ ବିଷୟରେ ସନ୍ତୋଷ ଲାଭ କରି ଆତ୍ମାଙ୍କ ଅଭିବୃଦ୍ଧିରେ ପଛେଇ ଯିବାରେ କି ମନୁଷ୍ୟର କି ଲାଭ ?

ସନ୍ତାନମାନଙ୍କ ଲାଳନ ପାଳନରେ ପିତାମାତା ଅନେକ ବିଷୟ ଶିକ୍ଷା କରନ୍ତି । ପିତାମାତାଙ୍କ ଅଜ୍ଞତା, ଏବଂ ଭୁଲ ଯୋଗୁଁ ସନ୍ତାନମାନଙ୍କ ଆତ୍ମୀୟ ଜୀବନରେ ଅଭିବୃଦ୍ଧି ଆସେ ନାହିଁ । ନିମ୍ନ-ଲିଖିତ ବିଷୟରେ ଆଲୋଚନା କରନ୍ତୁ :—

ଶେଷ ବିଚାର ଦିନନିମନ୍ତେ ଆପଣା ସନ୍ତାନମାନଙ୍କୁ ସତର୍କ ନ କରି, ପ୍ରସ୍ତୁତ ନ କରି କେବଳ ଜାଗତିକ ଶିକ୍ଷାରେ ନିପୁଣ କରିବା ଦ୍ୱାରା ଆପଣଙ୍କ ସନ୍ତାନମାନେ କି ସ୍ୱର୍ଗକୁ ଯିବେ ? (୨ ତୀମଥି ୨-୧୫, ପ୍ରକାଶିତ ୨୦,୧୧-୧୫) ।

ସର୍ବ ପ୍ରଧାନ ଶେଷ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱ ହେବାକୁ ପ୍ରସ୍ତୁତ ନକରି, ଏହି ଜାଗତିକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱ ହେବାକୁ ପ୍ରସ୍ତୁତ ଆପଣଙ୍କ ସନ୍ତାନ କି ଜୀବନର ମୁକୁଟ କି ପ୍ରାପ୍ତ ହେବେ ? (ଏବ୍ରୀ ୧୨,୧-୨, ଏଫିସୀ ୬,୧୦; ଫିଲିପି ୩,୧୩-୧୪; ୨ ତିମଥି ୨,୨-୫, ପ୍ରକାଶିତ ୨,୧୦, ୧ମ ପିତର ୫,୪ ?) ।

ଆପଣଙ୍କ ସନ୍ତାନମାନେ ଜାଗତିକ ଭୋଗ ବିଳାସରେ ସମୟ କ୍ଷେପଣ କରି ମଣ୍ଡଳୀର ଉପାସନାରେ ପରିତ୍ୟାଗ କଲେ, ସେମାନେ କି ସ୍ୱର୍ଗକୁ ଯିବେ ?

ମଣ୍ଡଳୀରେ ସଂଯୁକ୍ତ ହେବା ଦ୍ୱାରା ହିଁ ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୋଇପାରେ ବୋଲି ଜାଣି ଥିଲେ ବି, ଜାତ୍ରି ଜାତ ହୋଇ ମଣ୍ଡଳୀରେ ସଂଯୁକ୍ତ ନହୋଇ ଆପଣଙ୍କ ସନ୍ତାନମାନେ କି ସ୍ୱର୍ଗକୁ ଯିବେ ?

ତାହାଙ୍କ ରାଜ୍ୟ ଓ ନୀତି ସର୍ବ ପ୍ରଥମେ ଅନ୍ୱେଷଣ ନ କରି ଆପଣଙ୍କ ସନ୍ତାନମାନେ ସ୍ୱର୍ଗକୁ ଯିବେ ବୋଲି କି ଆପଣ ଆଶା କରୁ ଅଛନ୍ତି ? (ମାଥିଉ ୬:୩୩) ।

ଆପଣା ସନ୍ତାନମାନଙ୍କ ବିନଷ୍ଟ ପଥରେ ଚଳାଇ, କେତେ ଯେ ପିତାମାତାମାନେ ବିନଷ୍ଟ ହେବେ । ଏହାର କଳନା କେବଳ ପ୍ରଭୁ ଯୀଶୁ ଜ୍ଞାତ ଅଟନ୍ତି ।

ଆସ ଆମ୍ଭେମାନେ ପରମେଶ୍ୱରଙ୍କ ଆଜ୍ଞା ସକଳ ପାଳନ କରି, ଆପଣା ସନ୍ତାନମାନଙ୍କୁ ତାହାଙ୍କ ଆଜ୍ଞା ପାଳନ କରିବା ସମ୍ଭବ କରି, ସର୍ବଦା ତାହାଙ୍କ ନିକଟବର୍ତ୍ତୀ ହେଉ ।

—Jason Roberts

## ଅନ୍ଧକାରର ଶକ୍ତି
## ( The Power of Darkness )

ଆପଣ ଶୟତାନ ବିଷୟରେ କଅଣ କଅଣ ମନେ କରନ୍ତି? ସେ କିଏ? କେଉଁଠାରୁ ଆଗତ? କେତେ ଶକ୍ତିବାନ?

ବାଇବଲରେ ଶୟତାନ ବିଷୟରେ ଅଧିକ କିଛି ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇ ନାହିଁ । ତଥାପି ଶୟତାନକୁ ବିଭିନ୍ନ ନାମରେ ବାଇବଲର ପୃଷ୍ଠାରେ ଉଲ୍ଲେଖ କରାଯାଏ, ଯଥା :—

୧) ଆମ୍ଭମାନଙ୍କ ଭ୍ରାତୃଗଣଙ୍କ ଅପବାଦକ (ପ୍ରକାଶିତ-୧୨:୧୦) ।
୨) ବିପକ୍ଷ (୧ମ ପିତର ୫:୮) ।
୩) ମିଥ୍ୟାବାଦୀର ପିତା (ଯୋହନ ୮:୪୪) ।
୪) ପାତାଳକୁଣ୍ଡର ଦୂତ (ପ୍ରକାଶିତ ୯:୧୧) ।
୫) ଶତ୍ରୁ (ମାଥିଉ ୧୩:୧୯) ।
୬) ମନ୍ଦ-ଆତ୍ମା (୧ମ ଶାମୁୟେଲ ୧୬:୧୪) ।
୭) ମିଥ୍ୟାବାଦୀ ଆତ୍ମା (ପ୍ରଥମ ରାଜାବଳି ୨୨:୨୨) ।
୮) ନରଘାତକ (ଯୋହନ ୮:୪୪) ।
୯) ପୁରାତନ ନାଗ (ପ୍ରକାଶିତ ୧୨:୮) ।
୧୦) ଅନ୍ଧକାରର କ୍ଷମତା (କଲସୀୟ ୧:୧୩) ।
୧୨) ଜଗତର ଅଧିପତି (ଯୋହନ ୧୨:୩୧) ।
୧୨) ପରୀକ୍ଷକ ।

ପରୀକ୍ଷକ ବିଷୟରେ ଆମେ ଯାହା ଜାଣୁ :—

୧) ସୃଷ୍ଟି ପୂର୍ବରୁ ଶୟତାନର ଅସ୍ତିତ୍ୱ ବିଷୟରେ ଆମ୍ଭେ ନିଃସନ୍ଦେହ । ଆଦି ୧:୧ ପଦରେ ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ଯେପରି ବାକ୍ୟ କହେ । ଆଦି ୩:୧ ପଦରେ ଶୟତାନର ସୃଷ୍ଟି ପୂର୍ବରୁ ଅସ୍ତିତ୍ୱ ବିଷୟରେ ସୁସ୍ପଷ୍ଟ ହୁଏ ।

୨) ଆୟୁବ ୧:୬ ଈଶ୍ୱର ଓ ଶୟତାନ ମଧ୍ୟରେ ହୋଇଥିବା କଥୋପକଥନ ବର୍ଣ୍ଣନା କରାଯାଏ । "ଏଥିରେ ସଦାପ୍ରଭୁ ଶୟତାନଙ୍କୁ କହିଲେ, ତୁମ୍ଭେ କେଉଁଠାରୁ ଆସିଲ ? ତହିଁରେ ଶୟତାନ କହିଲା, ପୃଥିବୀରେ ଏଣେତେଣେ ଭ୍ରମଣ ଓ ତହିଁ ମଧ୍ୟରେ ଗମନାଗମନ କରି ୨ ଆସିଲି । ତହିଁ ସଦାପ୍ରଭୁ କହିଲେ ତୁମ୍ଭେ କି ଆମ୍ଭ ଦାସ ଆୟୁବ ପ୍ରତି ମନ ଦେଉଅଛ ? କାରଣ ତାହାର ସମାନ ସିଦ୍ଧ ଓ ସରଳ, ପରମେଶ୍ୱର ଭୟକାରୀ ଓ କୁକର୍ମତ୍ୟାଗୀ ଲୋକ ପୃଥିବୀରେ କେହି ନାହିଁ ?" ତୁମ୍ଭେ ସମ୍ପୂର୍ଣ୍ଣ ସତ୍ୟ ଅଟନ୍ତି, ସେ ସମ୍ପୂର୍ଣ୍ଣ ଅସତ୍ୟଙ୍କ ସହିତ କଥୋପକଥନ କରିବା ଏଠାରେ ପଢ଼ି ପାରୁଅଛୁ ।

୩) ଶୟତାନ ସଦାପ୍ରଭୁଙ୍କ ସମ୍ପୂର୍ଣ୍ଣ ବଶ ନଥିଲେ ମଧ୍ୟ କେତେକାଂଶରେ ସେ ସଦାପ୍ରଭୁଙ୍କ ବଶୀଭୂତ ଅଟେ । "ତହୁଁ ସଦାପ୍ରଭୁ ଶୟତାନଙ୍କୁ କହିଲେ, ଦେଖ ତାହାର ସର୍ବସ୍ୱରେ ତୁମ୍ଭର କ୍ଷମତା ଅଛି, କେବଳ ତାହାର ଉପରେ ତୁମ୍ଭେ ହସ୍ତ ନ ଦିଅ ।" (ଆୟୁବ ୧:୧୨) । ଯେତେବେଳେ ଯୀଶୁ ଶୟତାନ ଦ୍ୱାରା ପରୀକ୍ଷିତ ହେବା ନିମନ୍ତେ ଆତ୍ମାଙ୍କ କର୍ତ୍ତୃକ ପ୍ରାନ୍ତରକୁ ନୀତ ହୋଇଥିଲେ, ସଦାପ୍ରଭୁଙ୍କ ଅନୁମତି ବିନୁ ପରୀକ୍ଷକ ସେଠାରେ ଉପସ୍ଥିତ ନଥିଲେ।

ପ୍ରଶ୍ନ ଉଠେ, ବର୍ତ୍ତମାନ କି ସଦାପ୍ରଭୁଙ୍କ କ୍ଷମତା ଶୟତାନ ଉପରେ ନାହିଁ ? ସଦାପ୍ରଭୁ କାହିଁକି ଶୟତାନର କାର୍ଯ୍ୟ ସକଳ ଲୁପ୍ତ କରୁ ନାହାନ୍ତି । ଏହାର ଉତ୍ତର ଆମ୍ଭେମାନେ ୧ମ କରିନ୍ଥୀ ୧୦:୧୩ ପଦରେ ପାଇପାରୁ । ଯାହା କହେ "ମନୁଷ୍ୟ ପ୍ରତି ଯେଉଁ ପ୍ରକାର ପରୀକ୍ଷା ସ୍ୱାଭାବିକ, ତାହା ଛଡ଼ା ଅନ୍ୟପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟିନାହିଁ, କିନ୍ତୁ ଈଶ୍ୱର ବିଶ୍ୱାସ୍ୟ ସେ ତୁମ୍ଭମାନଙ୍କୁ କୌଣସି

ଅସହ୍ୟ ପରୀକ୍ଷାରେ ପରୀକ୍ଷିତ ହେବାକୁ ଦେବେ ନାହିଁ, ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରି ପାରିବ, ଏଥିପାଇଁ ପରୀକ୍ଷା ଘଟିବା ସଙ୍ଗେ ୨ ସେ ଉଦ୍ଧାରର ପଥ ମଧ୍ୟ ପ୍ରସ୍ତୁତ କରିବେ ।"

ସଦାପ୍ରଭୁ ଆୟୁବଙ୍କୁ ଯେପରି ଅସହ୍ୟ ପରୀକ୍ଷାରେ ସେହିପରି ପରୀକ୍ଷିତ ହେବାକୁ ଦେଇ ନଥିଲେ, ଆମ୍ଭମାନଙ୍କୁ ମଧ୍ୟ ଅସହ୍ୟ ପରୀକ୍ଷାରେ ପରୀକ୍ଷା କରିବାକୁ ଦେବେ ନାହିଁ । ତତ୍‌ସଙ୍ଗେ ୨ ପରୀକ୍ଷାରୁ ଉଦ୍ଧାରର ପଥ ମଧ୍ୟ ସେ ଆମ୍ଭମାନଙ୍କ ନିମନ୍ତେ ପ୍ରସ୍ତୁତ କରନ୍ତି । ଦୁଷ୍ଟାମିରେ ପାପରେ ପତିତ ନହେବା ପାଇଁ ଈଶ୍ୱର ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟ ଦାନକରି ଅଛନ୍ତି । ତାହାଙ୍କ ବାକ୍ୟ ଜ୍ଞାନରେ ବୃଦ୍ଧି ପାଇଲେ ଆମ୍ଭେମାନେ ପ୍ରତ୍ୟେକ ପରୀକ୍ଷାରୁ ବିଜୟୀ ହୋଇ ପାରିବୁ । (୨ ପିତର ୩:୧୮) ।

ପରମେଶ୍ୱର ମନୁଷ୍ୟମାନଙ୍କ ଠାରୁ ସ୍ୱଇଚ୍ଛା ଆରାଧନା ଲୋଡ଼ୁଥିବାରୁ, ସେ ଆମ୍ଭମାନଙ୍କୁ ଅନୁମତି ଦିଅନ୍ତି । ଆପଣା ସମସ୍ତ ହୃଦୟ, ମନ, ବୁଦ୍ଧି, ବିବେକ ସହ ତାହାଙ୍କ ସେବାକରିବା ମନୁଷ୍ୟର ପ୍ରଥମ କର୍ତ୍ତବ୍ୟ । ଆସ ଆମ୍ଭେମାନେ ଶୟତାନ ସମସ୍ତ କୁଭୁଷ ବିରୁଦ୍ଧରେ ଦଣ୍ଡାୟମାନ ହେବା ନିମନ୍ତେ ଆପଣା ୨କୁ ପ୍ରସ୍ତୁତ କରୁ । ଯେପରି ପାଉଲ କହନ୍ତି । "ଏଣୁ ତୁମ୍ଭେମାନେ ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ରହିପାର, ଏଥି ନିମନ୍ତେ ଈଶ୍ୱରଙ୍କର ସମସ୍ତ ସଜ୍ଜା ଗ୍ରହଣ କର ।"

—Glenn Colly

## ଆଧିପତ୍ୟ ସ୍ୱୀକାର

ଇସ୍ରାଏଲ ସନ୍ତାନମାନଙ୍କ ଅନାଜ୍ଞାକାରିତା ଦେଖି ପିତା ପରମେଶ୍ୱର ମୋଶାଙ୍କ ସଦୃଶ ଏକ ଭାବବାଦୀ ଉତ୍ପନ୍ନ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ଯାହାଙ୍କ ଦ୍ୱାରା ସେ ଇସ୍ରାଏଲମାନଙ୍କ ସହିତ ସେ କଥୋପକଥନ କରିବେ ଓ ତାହାଙ୍କ ବାକ୍ୟ ଅବଜ୍ଞାକାରୀମାନେ ବିନଷ୍ଟ ହେବେ । (ଦ୍ୱିତୀୟ ବିବରଣ ୧୮ : ୧୫-୧୯)

ପରମେଶ୍ୱରଙ୍କ ଏହି ଭାବବାଣୀ, ଯୀଶୁଖ୍ରୀଷ୍ଟଙ୍କ ଏହି ଜଗତରେ ଜନ୍ମ ନେବାରେ ସଫଳ ହୋଇଥିଲା । ( ପ୍ରେରିତ ୩ : ୧୯-୨୬ ) ଯେଉଁମାନଙ୍କ ପରିତ୍ରାଣ ନିମନ୍ତେ ସେ ଏହି ଜଗତରେ ଜନ୍ମ ଗ୍ରହଣ କରିଥିଲେ ଏବଂ ଜୀବନ ଯାପନ କରିଥିଲେ ସେମାନଙ୍କ ଦ୍ୱାରା ସେ ତୁଚ୍ଛୀକୃତ ହୋଇଥିଲେ ।

ସେ ଏହି ଜଗତରେ ଜୀବନଯାପନ କରିବା ସମୟରେ ଥରେ ତାହାଙ୍କ ତିନିଜଣ ଶିଷ୍ୟଙ୍କୁ ନେଇ ଏକ ଉଚ୍ଚ ପର୍ବତକୁ ଗଲେ ‘ଆଉ ସେ ସେମାନଙ୍କ ସାକ୍ଷାତରେ ରୂପାନ୍ତରିତ ହେଲେ, ତାହାଙ୍କ ବସ୍ତ୍ର ଏପରି ଉଜ୍ଜ୍ୱଳ ଓ ଅତିଶୟ ଶୁଭ୍ରବର୍ଣ୍ଣ ହେଲା ଯେ, ପୃଥିବୀର କୌଣସି ରଜକ ସେପରି ଶୁଭ୍ରବର୍ଣ୍ଣ କରି ପାରେ ନାହିଁ । ପୁଣି ମୋଶାଙ୍କ ସହିତ ଏଲିୟ ଯୀଶୁଙ୍କ ସାଙ୍ଗରେ କଥାବାର୍ତ୍ତା କରୁଥିବା ସେମାନଙ୍କୁ ଦେଖାଗଲା । ସେଥିରେ ପିତର ଯୀଶୁଙ୍କୁ ଉତ୍ତରଦେଲେ, ହେ ଗୁରୁ ଆମ୍ଭେମାନେ ଯେ ଏ ସ୍ଥାନରେ ଅଛୁ, ଏହା ଉତ୍ତମ ଆମ୍ଭେମାନେ ତିନୋଟି କୁଟିର ନିର୍ମାଣ କରୁ, ଆପଣଙ୍କ ପାଇଁ ଗୋଟିଏ ମୋଶାଙ୍କ ପାଇଁ ଗୋଟିଏ ଓ ଏଲିୟଙ୍କ ପାଇଁ ଗୋଟିଏ । କାରଣ ସେ କି ଉତ୍ତର ଦେବେ ଜାଣି ନଥିଲେ, ଯେଣୁ ସେମାନେ ଅତ୍ୟନ୍ତ ଭୀତ ହୋଇଥିଲେ । ପୁଣି, ଖଣ୍ଡେ ମେଘ ଆସି ସେମାନଙ୍କୁ ଆଚ୍ଛାଦନ କଲା, ଆଉ ସେହି ମେଘରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟପୁତ୍ର, ଏହାଙ୍କ ବାକ୍ୟ ଶ୍ରବଣକର । ( ମାର୍କ ୯ : ୩-୭ )

୩

ଏହାର ଅର୍ଥ କଅଣ ? ମୋଶା ବ୍ୟବସ୍ଥାର ପ୍ରତିକ ଅଟନ୍ତି ଏବଂ ଆରାଧନା ନିମନ୍ତେ ମୋଶାଙ୍କ ନିୟମ ଅବଲମ୍ବନର ଆବଶ୍ୟକତା ଆଉ ନାହିଁ । ବିଶ୍ରାମ-ବାର ପାଳନ ଦଶମାଂଶ ଦାନ ଯାଜ୍ଞିକ, ସଂଗୀତ ପଶୁବଳିର ପ୍ରଥା ଲୁପ୍ତ ହୋଇଅଛି । ଏଲିୟ ଭାବବାଦୀମାନଙ୍କ ପ୍ରତୀକ ତାହାଙ୍କ ଦ୍ୱାରା ତ୍ରାଣକର୍ତ୍ତାଙ୍କ ଆଗମନ ବିଷୟରେ ଭାବବାଣୀ ପ୍ରକଟ କରାଯାଇଥିଲା । ତାହାଙ୍କ ଆଗମନରେ ଆଉ ଭାବବାଦୀମାନଙ୍କ ଭାବବାଣୀର ଆଉ ଆବଶ୍ୟକତା ନାହିଁ । କାରଣ ତ୍ରାଣକର୍ତ୍ତାଙ୍କ ଉପସ୍ଥିତିରେ ଆମ୍ଭେମାନେ ଆଉ ମୋଶାଙ୍କ ବ୍ୟବସ୍ଥାଧୀନ ଅଥବା ଭାବବାଦୀମାନଙ୍କ ବାକ୍ୟାଧୀନ ଅଟୁ ।

ଯୀଶୁଖ୍ରୀଷ୍ଟ କଥିତ ବାକ୍ୟସବୁ ତାହାଙ୍କ ନିଜର ନୁହେଁ, କିନ୍ତୁ ସ୍ୱର୍ଗସ୍ଥ ପରମେଶ୍ୱରଙ୍କର । "କେହି ଯଦି ମୋହର ବାକ୍ୟ ଶୁଣି ପାଳନ କରେ ନାହିଁ, ତାହା ହେଲେ ମୁଁ ତାହାର ବିଚାର କରେ ନାହିଁ, କାରଣ ମୁଁ ଜଗତକୁ ବିଚାର କରିବାକୁ ନ ଆସି ବରଂ ଜଗତକୁ ପରିତ୍ରାଣ କରିବାକୁ ଆସିଅଛି। ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହାର ବିଚାରକର୍ତ୍ତା ଅଛି । ମୁଁ ଯେଉଁ ବାକ୍ୟ କହିଅଛି, ତାହା ଶେଷ ଦିନରେ ତାହାର ବିଚାର କରିବ । କାରଣ ମୁଁ ଆପଣାଠାରୁ କହି ନାହିଁ, ମାତ୍ର ମୁଁ କଅଣ କହିବି ଓ ବ୍ୟକ୍ତ କରିବି, ତାହା ମୋହର ପ୍ରେରଣକର୍ତ୍ତା ପିତା ମୋତେ ଆଜ୍ଞା ଦେଇ ଅଛନ୍ତି । ପୁଣି, ତାହାଙ୍କ ଆଜ୍ଞା ଯେ ଅନନ୍ତ ଜୀବନ ଏହା ମୁଁ ଜାଣେ । ଅତଏବ, ମୁଁ ଯେ ଯେ କଥା କହେ ପିତା ମୋତେ ଯେପରି କହି ଅଛନ୍ତି, ସେହିପରି କହେ ।" (ଯୋହନ ୧୨ : ୪୭-୫୦)

ଅନେକେ ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଅମାନ୍ୟ କରନ୍ତି । ଅନେକ ଖ୍ରୀଷ୍ଟଧର୍ମ ଭକ୍ତମାନେ ମଧ୍ୟ ଖ୍ରୀଷ୍ଟଙ୍କ ବାକ୍ୟ ବଦଳେ ଆପଣା ଚିନ୍ତା ଧାରାର ଅବଲମ୍ବନ କରନ୍ତି । "ଆଉ ପିତର, ପୁଣି ଏହି ପ୍ରସ୍ତର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବ" ବୋଲି ପ୍ରଭୁଙ୍କ ଏହି ବାକ୍ୟରେ ଅନେକେ ମନୋଯୋଗ କରନ୍ତି ନାହିଁ । ଏହି ବାକ୍ୟର ବ୍ୟବହୃତ "ମୋର"ର ଅର୍ଥ "ମାଲିକତ୍ୱ" ଆପଣା ସ୍ୱେଚ୍ଛା ଓ ସ୍ୱନସ୍ମାନୁଯାୟୀ ଗୁଳି, ପ୍ରଭୁଙ୍କ ମଣ୍ଡଳୀରେ ଉପଯୁକ୍ତ ବୋଲି ଭାବିବା ହାସ୍ୟାସ୍ପଦର ବିଷୟ । କାରଣ ଯୀଶୁ କହନ୍ତି, "ମୋହର ସ୍ୱର୍ଗସ୍ଥ ପିତା ଯେଉଁ ସବୁ ବୃକ୍ଷ ରୋପଣ କରି ନାହାନ୍ତି, ସେହିସବୁ ଉତ୍ପାଟିତ ହେବ ସେମାନଙ୍କୁ ଛାଡ଼ିଦିଅ, ସେମାନେ ଅନ୍ଧମାନଙ୍କର ଅନ୍ଧ ପଥପ୍ରଦର୍ଶକ ଯେବେ ଅନ୍ଧ ଅନ୍ଧକୁ ବାଟ କଢ଼ାଏ ତେବେ ଉଭୟେ ଖାତରେ ପଡ଼ିବେ" (ମାଥିଉ ୧୫ : ୧୩-୧୪) ଆପଣା ସ୍ୱେଚ୍ଛାନୁଯାୟୀ ସ୍ୱପାଳନପଦ୍ଧତିରେ ପ୍ରତିଷ୍ଠିତ ମଣ୍ଡଳୀଗୁଡ଼ିକ ପ୍ରତିଷ୍ଠାତାମାନେ ଏହି ଅନ୍ଧ ପ୍ରଦର୍ଶକ ଅଟନ୍ତି । ଏମାନଙ୍କ ବିଷୟରେ ପ୍ରଭୁ ଯୀଶୁ କହନ୍ତି, "ମୋତେ ପ୍ରଭୁ ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ । ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ ସେ ପ୍ରବେଶ କରିବ । ସେଦିନ ଅନେକ ମୋତେ

କହିବେ, ହେ ପ୍ରଭୁ, ହେ ପ୍ରଭୁ, ଆମ୍ଭେ କି ତୁମ୍ଭନାମରେ ଭାବବାଣୀ କହିଲୁ ନାହିଁ ? ପୁଣି ତୁମ୍ଭ ନାମରେ କି ଭୂତମାନଙ୍କୁ ଛଡ଼ାଇଲୁ ନାହିଁ ? ଆଉ, ତୁମ୍ଭନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁ ନାହିଁ ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣି ନାହିଁ । ହେ ଅଧର୍ମାଚାରୀମାନେ ମୋ ପାଖରୁ ଦୂର ହୁଅ ।” ( ମାଥିଉ ୭ : ୨୨-୨୩ )

ପରମେଶ୍ୱରଙ୍କୁ ଆରାଧନା ନ କରିବାରୁ ନୁହେଁ, କିନ୍ତୁ ତାହାଙ୍କ ଇଚ୍ଛାନୁଯାୟୀ ଆରାଧନା ନ କରିବାରୁ ସେମାନେ ବିଚାର ଦିନ ପରମେଶ୍ୱରଙ୍କ ନିକଟରୁ ତାଡ଼ିତ ହେବେ । ଯିଶାଇୟ ୨ : ୨ ୩ ପଦରେ ପରମେଶ୍ୱର ଏକ ଗୃହ ନିର୍ମାଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ସେହି ଗୃହକୁ ଖ୍ରୀଷ୍ଟ ‘ମୋର ମଣ୍ଡଳୀ’ ବୋଲି କହିଅଛନ୍ତି, “ତୁମ୍ଭେମାନେ କି ନିଜ ନିଜ ବିଷୟରେ ଆଉ **ଯେଉଁ ମଣ୍ଡଳୀ କି ଈଶ୍ୱର ଆପଣା ନିଜ ରକ୍ତରେ କ୍ରୟ କରିଅଛନ୍ତି ।** ତାହାଙ୍କର ସେହି ମଣ୍ଡଳୀ କି ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷ ରୂପେ ନିଯୁକ୍ତ କରିଅଛନ୍ତି, ସେମାନଙ୍କ ବିଷୟରେ ସାବଧାନ ହୁଅ ।” ( ପ୍ରେରିତ ୨୦ : ୨୮ ) । ମଣ୍ଡଳୀ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା କ୍ରୀତ ହୋଇ ଥିବାରୁ, ଅନ୍ୟ କେହି ମଣ୍ଡଳୀକୁ ଆପଣା ନାମ ଦେବା ନିମନ୍ତେ ଅଧିକାର ପ୍ରାପ୍ତ ହୋଇ ନାହାନ୍ତି ।

ଆମ୍ଭେମାନେ ତାହାଙ୍କ ଆଧିପତ୍ୟକୁ ସ୍ୱୀକାର କରୁ ଏବଂ ଯାହା ପରମେଶ୍ୱର ଆଜ୍ଞା ଦେଇଅଛନ୍ତି ସେଥିରୁ ବିମୁଖ ନ ହେଉ । ପରମେଶ୍ୱରଙ୍କ ବାକ୍ୟରେ ଯୋଗବିୟୋଗ କରିବା ଲୋକେ ଦଣ୍ଡିତ ହେବେ ବୋଲି ପରମେଶ୍ୱରଙ୍କ ବାକ୍ୟ ଆମ୍ଭମାନଂକ ସତର୍କ କରାଏ ( ପ୍ରକାଶିତ ୨୨ : ୧୮, ୧୯ ) ତାହାଂକ ଆଧିପତ୍ୟ ସ୍ୱୀକାର ବିନୁ ଆମ୍ଭମାନଂକ ନିମନ୍ତେ ଆଉ କୌଣସି ରାସ୍ତା ନାହିଁ ।

—Daniel ZULU

## ବର୍ଶବବାଙ୍କ ମହାନତା
### ( Barsabas was a great man too )

ଅନୁଗ୍ରହରୁ ପତିତ ଇଷ୍କାରିୟୋଥ୍ ଯିହୂଦାଙ୍କ ଭୟାନକ ମରଣ, ପାପ ଦଣ୍ଡଫଳର ଏକ ଚିରନ୍ତନ ପ୍ରତୀକ ( ପ୍ରେରିତ ୧ : ୧୭-୨୦ ) ଯଦିଓ ସେ ଈଶ୍ବରଙ୍କ ଅଦ୍ଵିତୀୟ ପୁତ୍ରଙ୍କ ମହିମାମୟ ସେବାକାର୍ଯ୍ୟର ଅଂଶୀଦାର ଥିଲେ, ସେ ତାହାଙ୍କଠାରୁ ବିଚ୍ଛିନ୍ନ ହୋଇଥିଲେ ।

ତାହାଙ୍କ ମୃତ୍ୟୁରେ ପ୍ରଭୁ ଯୀଶୁଙ୍କ ପ୍ରେରିତ ବୃନ୍ଦରେ ଏକ ପ୍ରେରିତଙ୍କ ସ୍ଥାନ ଖାଲି ପଡ଼ିଲା ( ପ୍ରେରିତ ୧ : ୨୦ ) । ପ୍ରେରିତମାନେ ଗୁଳିବାଣ୍ଟ ଦ୍ଵାରା ମଥିୟ ନାମକ ଶିଷ୍ୟଙ୍କୁ ସେହି ପଦରେ ନିଯୁକ୍ତ କଲେ । ପ୍ରେରିତ ନିମନ୍ତେ ମନୋନୀତ ଆବଶ୍ୟକୀୟ ସମସ୍ତ ଯୋଗ୍ୟତାର ଅଧିକାରୀ ମଥିୟ ପ୍ରକୃତରେ ଜଣେ ମହାନ୍ ବ୍ୟକ୍ତି ଥିଲେ । ଗୁଳିବାଣ୍ଟର ଭାଗୀ ଅନ୍ୟ ବ୍ୟକ୍ତି ବର୍ଶବବାଙ୍କ ମହାନତା ବିଷୟରେ ବାକ୍ୟ କଅଣ କହେ ?

**ତାହାଙ୍କ ବିଶ୍ଵସ୍ତତା** — ମରଣ ପର୍ଯ୍ୟନ୍ତ ପରମେଶ୍ବରଙ୍କୁ ପରିତ୍ୟାଗ ନ କରିବା ହିଁ 'ବିଶ୍ଵସ୍ତତା' । ଯୋହନ ବାପ୍ତିସ୍ମ ଦେବା ସମୟଠାରୁ ଆରମ୍ଭ କରି, ଊର୍ଦ୍ଧ୍ବରେ ଗୃହୀତ ହେବା ଦିନ ପର୍ଯ୍ୟନ୍ତ ପ୍ରଭୁ ଯୀଶୁଙ୍କ ସଙ୍ଗୀ ହୋଇଥିବା ଜନବୃନ୍ଦରୁ ବର୍ଶବବା ଜଣେ ଥିଲେ ( ପ୍ରେରିତ ୧ : ୨୧, ୨୨ ) ଯୀଶୁଖ୍ରୀଷ୍ଟଙ୍କ କଠିନ ଶିକ୍ଷା ଶୁଣି ଅନେକ ଶିଷ୍ୟ ତାହାଙ୍କ ଠାରୁ ବିମୁଖ ହେବା ସମୟରେ ସେ ତାହାଙ୍କୁ ପରିତ୍ୟାଗ କରି ନ ଥିଲେ । ଯୀଶୁଖ୍ରୀଷ୍ଟଙ୍କ କ୍ରୁଶୀୟ ମରଣ ସମୟରେ ମଧ୍ୟ ସେ ଆପଣା ପ୍ରଭୁଙ୍କ ଠାରୁ ବିମୁଖ ହୋଇ ନ ଥିଲେ । ଏପରି ବିଶ୍ଵସ୍ତତା ପରମେଶ୍ବରଙ୍କ ଦୃଷ୍ଟିରେ ଅମୂଲ୍ୟ ଅଟେ ।

**ଆତ୍ମୀୟ ନେତା** — ଯଦିଓ ସେ ଗୁଳିବାଣ୍ଟ ଦ୍ଵାରା ପ୍ରେରିତ ରୂପେ ନିଯୁକ୍ତ ହୋଇ ନ ଥିଲେ । ତଥାପି ସେ ପ୍ରେରିତ ପଦ ନିମନ୍ତେ ଏକ ଯୋଗ୍ୟ ବ୍ୟକ୍ତି ଥିଲେ । ପ୍ରକୃତରେ ଏହିପରି ଯୋଗ୍ୟ ବ୍ୟକ୍ତିମାନେ ମନୋନୀତ ଗୋଷ୍ଠୀଜାତ ( ୧ମ ପିତର ୨ : ୫-୯ ) ଏବଂ ଜଗତର ଲବଣ ଓ ଜ୍ୟୋତି ସ୍ଵରୂପ ଅଟନ୍ତି । ( ମାଥିଉ ୫ : ୧୨-୧୪ )

**ସଦା ପ୍ରସ୍ତୁତ** — ପ୍ରେରିତ ପଦ ନିମନ୍ତେ ଯୋଗ୍ୟ ଓ ବିଶ୍ବସ୍ତ ବିର୍ଣ୍ଣବା ପ୍ରଭୁଙ୍କ ସେବାରେ ସଦା ଇଚ୍ଛୁକ ଓ ପ୍ରସ୍ତୁତ ଥିଲେ । ଯିଶାଇୟଙ୍କ ସଦୃଶ୍ୟ ' ମୁଁ ଅଛି, ମୋତେ ପଠାଅ ।" ବୋଲି ସେ ପ୍ରେରିତ ବୃନ୍ଦଙ୍କୁ ଜଣାଇଥିଲେ । ( ଯିଶାଇୟ ୬ : ୮ )

ବିଶ୍ୱାସ, ସତ୍‌କାର୍ଯ୍ୟ, ସତ୍‌ମନୋଭାବ ମନୁଷ୍ୟ ଦୃଷ୍ଟିରେ ମୂଲ୍ୟହୀନ ହେଲେ ହେଁ ପରମେଶ୍ବରଙ୍କ ଦୃଷ୍ଟିରେ ବହୁମୂଲ୍ୟ ଅଟେ । ଯଦିଓ ସେ ପ୍ରେରିତ ପଦ ପ୍ରାପ୍ତ ହୋଇ ନଥିଲେ ତଥାପି ପ୍ରଭୁଙ୍କ କାର୍ଯ୍ୟରୁ ସେ ବିମୁଖ ହୋଇ ନଥିଲେ, ସେ ପ୍ରେରିତ ରୂପେ କାର୍ଯ୍ୟ ନ କଲେ ସୁଦ୍ଧା ଏକ ସେବକ ରୂପେ ଏକ ଦାସ ରୂପେ ପ୍ରଭୁଙ୍କ କାର୍ଯ୍ୟରେ ଆପଣାକୁ ସମର୍ପଣ କରିଥିଲେ । ଅନନ୍ତକାଳୀନ ରାଜାଙ୍କ ଆଦର୍ଶ ସେବକଙ୍କୁ ସ୍ଵର୍ଗର ସୁବର୍ଣ୍ଣସଡ଼କରେ ଧନ୍ୟବାଦ ଦେବା ନିମନ୍ତେ ଆସ ଆମ୍ଭେମାନେ ଆପଣା ଆପଣାକୁ ପ୍ରସ୍ତୁତ କରୁ ।

—Neal Pollard

— :O: —

ରାଜେଶ୍ବରୀ ପ୍ରେସ, ନବରଙ୍ଗପୁର

# IN THE NAME OF CHRIST

**Colossians 3:17**

**INTRODUCTION :**

1. Many times it is said that there is nothing in a name.
2. If so, then why does the Bible say so many times that all is to be done in the name of Christ ?
3. To do it in the name of something else or some one else is to sin against the Lord himself.
4. In this lesson before us we want to stress this point.

**DISCUSSION :**

**I. What the Bible teaches.**

1. Salvation is in the name of Christ (Acts 4:12).
2. Must use Bible names and titles only (1Peter 4:16).

**II. To do all in the name of Christ.**

1. The apostles healed in the name of Christ (Acts 3:6).
2. Many believed in his name (John 2:23).
3. To confess the name of Christ (Matthew 10:32,33).
4. To repent and be baptized in the name of Christ (Acts. 2:38).
5. Salvation is in the name of Christ (Acts 4:12).
6. Life is in the name of Christ (John 20:30,31).
7. His name is above every name (Ephesians 1:21).
8. The church is named after Christ (Ephesians 3:14,15; Romans 16:16).
9. To wear the name of Christ (Acts 11:26; 1Peter 4:16).
10. Justified by the name of Christ (1Corinthians 6:11).
11. To do all in the name of Christ (Colossians 3:17).
12. To pray in the name of Christ (John 14:13).
13. To gathter in the name of Christ (1Corinthians 5:4; Matthew 18:20).
14. Every knee to bow to Christ (Philippians 2:9,10).
15. To suffer for his name (Acts 5:41; Acts 9:16).
16. Some blasphemed that name (James 2:7).

**III. Christ warned.**

1. Some would come claiming to be Christ.
2. Some would come in their own name and be received (John 5:43).
3. Some would draw off disciples after them (Acts. 20:30).

## IV. Christ is Dishonored.

1. When his name is rejected.
2. When his name is not worn.
3. When his name is shared along with others.

## CONCLUSION :

1. Even as the Lord's name is above every name, the name Christian is above man-made names and titles.
2. Are you wearing the name of Christ ?

- J.C. Choate.

---

From
SATYA VANI
P.o. Box 80
KAKINADA - 533 001

printed Book only

To

(FOR PRIVATE CIRCULATION ONLY)